# Akashvani, Sambalpur

# SAMBALPURI NEWS BULLETIN

## 11 December 2025 – 6.47- 6.52 am.

*******************************************

ନିଯୁକ୍ତି ମେଳା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଁକରି ଚାକିରୀ ପାଇଥିବା ୩ ଟା ବିଭାଗ୍‌ର ୫ ଶହ ୯୧ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ବେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସର୍ ନ ଗୁଟେ ନିଯୁକ୍ତି ମେଳାର୍ ଆୟୋଜନ୍ କରାଯାଇଛେ । ସେନ୍ତା ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୪ ଶହ ୨୫ କୋଟି ଟଙ୍କାର୍ ନୂଆଁ ଜଲ୍‌ସେଚନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ୨ ହଜାର୍ ୬୩ କୋଟି ଟଙ୍କାର୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ ।

ଜି.ଆଇ. ଚାଉଲ୍, ମଢ଼ିଆ I&PR

ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ନ ଥାପ୍‌ନା ହେବାର୍‌କେ ଥିବା ସ୍ୱତନ୍ତ୍ର କମ୍ ଜି.ଆଇ. ଥିବା ଚାଉଲ୍ ଆଉ ମଢ଼ିଆ ପ୍ରକ୍ରିୟାକରଣ୍ କାର୍‌ଖାନାର୍ ନିର୍ମାଣ୍ କାମ୍‌ର ଅଗ୍ରଗତି ବାବ୍‌ଦେ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଆଉ

କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ସମୀକ୍ଷା କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ସମୀକ୍ଷା ବୈଠକ୍‌ଥି ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ କୁମାର୍ ପାଢ଼ୀ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଇ ପ୍ରକଳ୍ପ ଅତି କମ୍ ଲାଇସେମିକ୍ ଇଣ୍ଡେକ୍ସ ଜି.ଆଇ. କିସମ୍ ସହେତେ ଆଇ.ସି.ଏ.ଆର୍ ତର୍‌ଫୁ ବିକଶିତ୍ ଚାଉଲ୍ ଉପ୍‌ରେ ବେଶୀ ଧ୍ୟାନ୍ ଦେବା । ଯେନ୍‌ଟାକି ସାଧାରଣ୍ ଧାନ୍ ଠାନୁ କମ୍ ଜି.ଆଇ. ଥିବା ଧାନ୍ ପ୍ରକ୍ରିୟାକରଣ୍ କରିପାର୍‌ବା । ସେନ୍ତା ଭାରତ୍ ନ ପହେଲାକରି ଏନ୍ତା ଗୁଟେ ମଡ଼ିଆ ପ୍ରକ୍ରିୟାକରଣ୍ କାର୍‌ଖାନା ଭିଲ୍ ଭୁବ୍‌ନେଶ୍ୱର୍ ନ ଥାପ୍‌ନା ହେବାର୍‌କେ ଯାଉଛେ । ଇ ପ୍ରକଳ୍ପ ଲାଗି ୯୧ କୋଟି ନୁ ଅଏତ୍‌କା ଟଙ୍କା ଖର୍ଚ୍ଚା ହେବା ।

ସାର୍ ଉପ୍ତାଦନ୍ ବୈଠକ୍ I&PR

ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧକ୍ଷତାଥି ଗଲାକାଏଲ୍ ରାଏଜେ ସାର୍ ଉପ୍ତାଦନ୍ ବାବ୍‌ଦେ ଆଲୋଚନା କରାଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଓଡ଼ିଶାର୍ କୃଷି କ୍ଷେତ୍ରର୍ ଉନ୍ନତି ଲାଗି ନିବେଶକଙ୍କର୍ ଆଗ୍ରହ ଭିଲ୍ ବଢୁଛେ । ଇଥିର୍‌ଲାଗି ଅନ୍ତର୍ଜାତୀୟ ସାର୍ ବିକାଶ୍ କେନ୍ଦ୍ର ଓଡ଼ିଶା ନ କାର୍‌ଖାନା ଥାପ୍‌ନା କର୍‌ବାର୍‌କେ ଯାଉଛନ୍

ଆଉ ଇ ଦିଗେ ଓଡ଼ିଶା ସର୍କାର୍‌ଙ୍କର୍ ସହଯୋଗ୍ ମାଗିଛନ୍ । ରାଏଜେ ଇ କାର୍‌ଖାନା ଥାପ୍‌ନା ହେଲେ ସାର୍ ଅଭାବ୍ ନାଇଁ ହୁଏ ବଲି ବୈଠକ୍ ନ କୁହାଯାଇଛେ ।

ଏକଲବ୍ୟ ଆବାସିକ ବିଦ୍ୟାଲୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ଶହେ ୧୧ ଟା ଏକଲବ୍ୟ ଆବାସିକ ବିଦ୍ୟାଲୟକେ ମଞ୍ଜୁରୀ ମିଲିଛେ । ସେଥିର୍ ଭିତ୍‌ରୁ ୪୭ ଟା ବିଦ୍ୟାଲୟ ନ ପାଠ୍‌ପଢ଼ା ମୁଲ୍ ହେଇଥିଲା ବେଲ୍‌କେ ୪୬ ଟା ବିଦ୍ୟାଲୟର୍ ତିଆରି କାମ୍ ଚାଲିଛେ ବଲି କେନ୍ଦ୍ର ଆଦିବାସୀ ବ୍ୟାପାର୍ ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ୍ ଓ୍ୱିକେ ରାଜ୍ୟସଭା ନ କହିଛନ୍ । ମନ୍ତ୍ରୀ କହିଛନ୍, ସର୍ବଭାରତୀୟସ୍ତରଥି ଏକଲବ୍ୟ ବିଦ୍ୟାଲୟ କର୍ମଚାରୀ ଚୟନ୍ ପରୀକ୍ଷା -୨୦୨୩ ଜରିଏ ୧୦ ହଜାର୍ ୩ ଶହ ୯୧ ପଦ୍‌ବୀଥି ପ୍ରତ୍ୟକ୍ଷ ନିଯୁକ୍ତି ଲାଗି ପହେଲା ଅଭିଯାନ୍ ଚାଲିଛେ । ସେନ୍ତା ୭ ହଜାର୍ ୨ ଶହ ୬୭ ଶିକ୍ଷକ୍ ଆଉ ଅଣଶିକ୍ଷକ୍ ପଦ୍‌ବୀ ପୂରଣ୍ ଲାଗି ଭିଲ୍ ବିଜ୍ଞପ୍ତି ବାହାରିଛେ ବଲି ମନ୍ତ୍ରୀ କହିଛନ୍ ।

ଲିଙ୍ଗଭିତିକ ହିଂସା ବିରୋଧୀ ସଚେତନତା କର୍ମଶାଳା I&PR

୧୬ ଦିନ୍ ହେଲା ଚାଲିଥିବା ରାଜ୍ୟସ୍ତରୀୟ ଲିଙ୍ଗଭିତିକ ହିଂସା ବିରୋଧୀ ସଚେତନତା କର୍ମଶାଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ନ 'ସାହସ୍ ଉତ୍ସବ: ଆମ ସ୍ୱର ଆମ ଶକ୍ତି' ଶୀର୍ଷକ୍ କର୍ମଶାଳାଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଲୁକ୍‌କର୍ ସମ୍ମାନ୍, ସୁରକ୍ଷା ଆଉ ପୁନର୍ବାସ୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ରାଜନୈତିକ୍ ଆଉ ପ୍ରଶାସନିକ୍ ପ୍ରତିବଦ୍ଧତା ବାବ୍‌ଦେ କହିଥିଲେ । କାର୍ଯ୍ୟକ୍ରମ୍‌ଥି ସାରା ରାଏଜ୍‌ର ଶକ୍ତି ସଦନ୍‌ର ବାସିନ୍ଦା ଆଶ୍ରୟସ୍ଥଲର୍ ପ୍ରତିନିଧି ମାନେ ଉପସ୍ଥିତ୍ ଥିଲେ ।

ପେକ୍ସ , ଲେମ୍ପ୍ସ ନିର୍ଦ୍ଦେଶ୍‌ନାମା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ପେକ୍ସ ଆଉ ଲେମ୍ପ୍ସ ମାନ୍‌କର୍ କାର୍ଯ୍ୟଧାରାଥି ସ୍ୱଚ୍ଛତା ବଢ଼ାବାର୍ ଆଉ ସଦସ୍ୟ ସହଭାଗିତାକେ ବର୍‌କସ୍ କର୍‌ବାର୍ ଲାଗି ସମବାୟ ବିଭାଗ୍ ତର୍‌ଫୁ ରାଜ୍ୟ ସମବାୟ ନିବନ୍ଧକ ମାନ୍‌କୁ ଆବଶ୍ୟକ୍ ନିର୍ଦ୍ଦେଶ୍‌ନାମା ଜାରି କର୍‌ବାର୍‌କେ କୁହାଯାଇଛେ । ନିର୍ଦ୍ଦେଶ୍ ଅନ୍‌ସାରେ ପରିଚାଳନା ପରିଷଦ୍‌ର ସବୁ ସଦସ୍ୟମାନ୍‌କର୍ ନାଁ ସମିତି କାର୍ଯ୍ୟାଳୟ ପରିସର୍ ନ ସ୍ୱଷ୍ଟ ଭାବେ ପ୍ରଦର୍ଶନ୍ କରାଯିବା । ଆଇନ୍ ବ୍ୟବସ୍ଥା ଅନ୍‌ସାରେ ଫି' ବଛର୍ କମ୍‌ସେ କମ୍ ୨ ଶହ ୫ନ୍ ସଦସ୍ୟଙ୍କର୍

ଭାଗିଦାର୍ ସହେତେ ନିୟମିତ୍ ଭାବେ ବାର୍ଷିକ ସାଧାରଣ ସଭା ଆୟୋଜନ୍ କର୍‌ବାର୍‌କେ ସମିତି ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ବିଶ୍ୱ ପର୍ବତ୍ ଦିବସ୍,ୟୁନିସେଫ୍ ଦିବସ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ପର୍ବତ ଦିବସ୍ । ପାଏନ୍, ଖାଦ୍ୟ, ଜୈବ ବିବିଧତା ଆଉ ଜୀବନ୍ ଜୀବିକାର୍ ସୁରକ୍ଷା ଦିଗେ ପର୍ବତ୍‌ର ଭୂମିକା ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିପଦ୍ ବାବ୍‌ଦେ ସଚେତନତ୍ କର୍‌ବାର୍ ଲକ୍ଷ୍ୟଥି ଫି' ବଛର୍ ଡିସେମ୍ବର୍ ୧୧ ତାରିଖ୍ ଦିନ ମିଳିତ ଜାତିସଂଘର ଖାଦ୍ୟ ଆଉ କୃଷି ସଂଗଠନ୍ - ଏଫ୍.ଏ.ଓ. ତର୍‌ଫୁ ଅନ୍ତର୍ଜାତୀୟ ପର୍ବତ ଦିବସ୍ ପାଲନ୍ କରାଯାଏସି ।
ସେନ୍ତା ଆଏଜ୍ ହେଉଛେ ୟୁନିସେଫ୍‌ର ଥାପ୍‌ନା ଦିବସ୍ । ଛୁଆମାନ୍‌କର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ସଚେତନ୍ କର୍‌ବାର୍ ସହେତେ ସେମାନ୍‌କର୍ ଅଧିକାର୍ ଆଉ ସମର୍ଥନ୍ ଲାଗି ୧୯୪୬ ମସିହାଥି ଆଜିର୍‌ର୍ ଦିନେ ୟୁନିସେଫ୍ ଥାପ୍‌ନା ହେଇଥିଲା ।

ଅନ୍ତର୍ଜାତୀୟ ବେଡ଼ମିଂଟନ୍ ପ୍ରତିଯୋଗିତା     I&PR

କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଚାଲିଥିବା ଅନ୍ତର୍ଜାତୀୟ ବେଡ଼ମିଂଟନ୍ ପ୍ରତିଯୋଗିତା ଓଡ଼ିଶା ମାଷ୍ଟର୍ସ-୨୦୨୫ ଥି ଗଲାକାଏଲ୍ ଭିନ୍ ଭିନ୍ ବର୍ଗଥି ୭୬ ଟା ମେଚ୍ ଖେଲାଯାଇଥିଲା । ପ୍ରତିଯୋଗିତାଥି ଗଲାକାଏଲ୍ କ୍ରୀଡ଼ା ଆଉ ଯୁବ ବ୍ୟାପାର୍‌ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ଉତ୍ସାହିତ୍ କରିଥିଲେ ।

ଇଣ୍ଡିଗୋ ଏୟାର୍‌ଲାଇନ୍ସ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଇଣ୍ଡିଗୋ ଏୟାର୍‌ଲାଇନ୍ସର ବିମାନ୍ ବାତିଲ୍ ଲାଗି ଦେଖାଦେଇଥିବା ଥିତି ଧିରେ ଧିରେ ସୁଧିରିବାର୍‌କେ ଲାଗିଛେ । ହେଲେଭିଲ୍ ଘରୁ ବାହାର୍‌ବାର୍ ଆଘୋନୁ ଯାତ୍ରୀମାନେ ବିମାନ୍ ମାର୍ଗର ଥିତି ଯାଂଚ୍ କର୍‌ବାର୍‌କେ ଭୁବ୍‌ନେଶ୍ୱର୍ ଆନ୍ତର୍ଜାତୀୟ ବିମାନ୍ ବନ୍ଦର୍‌ର ନିର୍ଦ୍ଦେଶକ୍ ପ୍ରସନ୍ନ ପ୍ରଧାନ୍ ଯାତ୍ରୀମାନ୍‌କୁ ଅନୁରୋଧ୍ କରିଛନ୍ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗି ଜାଗା ନ ଜବର୍ ଥଣ୍ଡା ଲାଗି ରହିଛେ । ଆଏବା ୫ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ

ସୁନ୍ଦର୍‌ଗଡ୍‌, ଝାରସୁଗୁଡ଼ା, ଅନୁଗୁଲ୍‌, ଢେଙ୍କାନାଲ୍‌ ନ ଜବର୍‌ ଥଣ୍ଡା ହେବା । ସୁନ୍ଦର୍‌ଗଡ୍‌, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ ଆଉ କୋରାପୁଟ୍‌ ଜିଲ୍ଲା ନ ବହଲିଆ କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍‌ ଆଂଚଲିକ୍‌ ପାଣିପାଗ୍‌ ବିଜ୍ଞାନ୍‌ କେନ୍ଦ୍ର ତର୍‌ଫୁ ଅନୁମାନ୍‌ କରାଯାଇଛେ ।